ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟଜଣେ

ବନାମ

ଏମ୍/ଏସ୍. ଜାତୀୟ ନିର୍ମାଣ କମ୍ପାନୀ, ବମ୍ବେ ଏବଂ ଅନ୍ୟଜଣେ

ଜାନୁଆରୀ 9,1996

[ମୁଖ୍ୟ ନ୍ୟାୟମୂର୍ତ୍ତି ଏ. ଏମ୍. ଅହମଦି, ଏବଂ ନ୍ୟାୟମୂର୍ତ୍ତି ଏସ୍. ସି. ସେନ୍]

*ଦେୱାନୀ ପ୍ରକ୍ରିୟା ସଂହିତା, 1908 :*

*ଧାରା 11 - ପୂର୍ବ ମକଦ୍ଦମାରେ ବିବାଦରେ ଥିବା ମାମଲାଟିର ଯଦି କେବଳ ପ୍ରତ୍ୟକ୍ଷ ରୂପେ ଏବଂ ସାରତଃ ଶୁଣାଣି କରାଯାଇଛି ଏବଂ ପରିଶେଷରେ ନିଷ୍ପତ୍ତି କରାଯାଇଛି ତେବେ ପୂର୍ବ ନ୍ୟାୟ ନିଷ୍ପତ୍ତି ଲାଗୁ ହେବ - କିନ୍ତୁ ଯଦି କେବଳ ବିଚାର ବିନା ବୈଷୟିକ ଆଧାରରେ ମକଦ୍ଦମାଟିକୁ ଖାରଜ କରାଯାଏ ତେବେ ଉକ୍ତ ନୀତି ପ୍ରୟୋଗ ହେବ ନାହିଁ ।*

*ନିୟମ 2-ଆଦେଶ 2 - ଲାଗୁ ହେବା ପାଇଁ ପରୀକ୍ଷା- ମକଦ୍ଦମା - ସ୍ୱତନ୍ତ୍ର କାରଣ ଉପରେ ଆଧାର କରି ଦ୍ୱିତୀୟ ମକଦ୍ଦମାକୁ ଖାରଜ - ରାୟ ଦିଆଗଲା ଯେ ମାମଲାଟିକୁ ନିଷେଧ କରାଯିବ ନାହିଁ ।*

*ଚୁକ୍ତି - ବ୍ୟାଙ୍କ ପ୍ରତିଭୂତି - ବ୍ୟାଙ୍କର ପ୍ରତିଭୂତିକୁ ଗ୍ରହଣ କରିବାର କର୍ତ୍ତବ୍ୟ ।*

**ଆବେଦନକାରୀ-ରାଜ୍ୟ ଏବଂ ଉତ୍ତରଦାତା -କମ୍ପାନୀ ମଧ୍ୟରେ ହୋଇଥିବା ଏକ ଚୁକ୍ତିରେ, ଦ୍ୱିତୀୟ ଉତ୍ତରଦାତା , ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏକ କାର୍ଯ୍ୟ ଦକ୍ଷତା ପ୍ରତିଭୂତିକୁ ନିଷ୍ପାଦନ କରିଥିଲେ । ପ୍ରତିଭୂତିର ସର୍ତ୍ତାବଳୀ ଅନୁଯାୟୀ, ଠିକାଦାରଙ୍କ କାର୍ଯ୍ୟଦକ୍ଷତାରେ ଖିଲାପ ହେଲେ , ବ୍ୟାଙ୍କ ଏବଂ ଠିକାଦାର ମିଳିତ ଓ ପୃଥକ ଭାବରେ ଦାୟୀ ହେବେ । ଯେହେତୁ ଠିକାଦାର କାମ ସମ୍ପୂର୍ଣ୍ଣ କଲେ ନାହିଁ , ଆବେଦନକାରୀମାନେ କାମ ଶେଷ କରିବା ପାଇଁ ଅନ୍ୟ ସଂସ୍ଥାମାନଙ୍କୁ ନିଯୁକ୍ତ କଲେ ଏବଂ ସେହି ପ୍ରକ୍ରିୟାରେ ସେମାନଙ୍କର ମୋଟ 1,44,18, 970.24 ଖର୍ଚ୍ଚ ହୋଇଛି ବୋଲି ଦାବି କଲେ । ଫଳସ୍ୱରୂପ ଆବେଦନକାରୀମାନେ Rs. 14,12,836 ଟଙ୍କା ଯେଉଁ ରାଶିକୁ କାର୍ଯ୍ୟଦକ୍ଷତା ପ୍ରତିଭୂତିରେ ସୁଧ ସହିତ ଧାର୍ଯ୍ୟ କରାଯାଇଛି ତାହାର ଆଦାୟ ନିମିତ୍ତ ଅନୁରୋଧ କରି ବମ୍ବେ ଉଚ୍ଚ ନ୍ୟାୟାଳୟରେ କେବଳ ବ୍ୟାଙ୍କ ବିରୋଧରେ ଏକ ସଂକ୍ଷିପ୍ତ କାରଣ ମକଦ୍ଦମା ଦାଖଲ**

କଲେ । ଉଚ୍ଚ ନ୍ୟାୟାଳୟ, ପକ୍ଷମାନଙ୍କ ସଂଯୋଗ ଜନିତ ତ୍ରୁଟି ଯୋଗୁଁ ଏହା ଧରି ନେଇ ମକଦ୍ଦମାକୁ ଖାରଜ କରିଦେଲେ ଯେ ଖିଲାପ ଏବଂ ବ୍ୟାଙ୍କର ତଦନୁଯାୟୀ ଦାୟିତ୍ୱ ଜନିତ ବିବାଦର ନିଷ୍ପତ୍ତି ନେବା ନିମିତ୍ତ ଠିକାଦାର ହେଉଛନ୍ତି ଏକ ଆବଶ୍ୟକ ପକ୍ଷ । ଏହି ଆଦେଶ ବିରୁଦ୍ଧରେ ଆବେଦନରେ, ଆବେଦନକାରୀମାନେ ଠିକାଦାରଙ୍କୁ ଏକ ପକ୍ଷ ଭାବରେ ଅନ୍ତର୍ଭୁକ୍ତ କରିଥିଲେ, ତଥାପି ମଧ୍ୟ ଆବେଦନକୁ ଖାରଜ କରିଦିଆଗଲା । ଏହା ପରେ ଆବେଦନକାରୀମାନେ ଚୁକ୍ତି ଭଙ୍ଗ ପାଇଁ କ୍ଷତିପୂରଣ ଦର୍ଶାଇ, ଠିକାଦାରଙ୍କ ଠାରୁ ସୁଧ ସହିତ **Rs. 1,13,27, 298.16** ଟଙ୍କା ଦାବି କରି ଉଭୟ ଠିକାଦାର ଏବଂ ବ୍ୟାଙ୍କ ବିରୋଧରେ ଏକ ସ୍ୱତନ୍ତ୍ର ଦେୱାନୀ ମକଦ୍ଦମା ଦାୟର କଲେ । ବ୍ୟାଙ୍କ ପ୍ରତିଭୂତି ଅନୁଯାୟୀ ଏଥିରେ **Rs.14, 12, 836** ଅନ୍ତର୍ଭୁକ୍ତ ଥିଲା । ଦେୱାନୀ ବିଚାରପତି ଏହା ଧରି ନେଇ ମକଦ୍ଦମାକୁ ଖାରଜ କରିଦେଲେ ଯେ ପୂର୍ବ ମକଦ୍ଦମା ଭଳି ଏଠାରେ ବିଦ୍ୟମାନ ଥିବା କାରଣ ଅନୁରୂପ , ତେଣୁ ପୂର୍ବ ନ୍ୟାୟ ନୀତି ଦ୍ୱାରା ଦେୱାନୀ ପ୍ରକ୍ରିୟା ସଂହିତା, **1908** ର ଧାରା **11** ଏବଂ ନିୟମ **2** ର ଆଦେଶ **2** ଲାଗୁ କରି ମାମଲାଟିକୁ ଖାରଜ କରିଦିଆଗଲା । ଆବେଦନକାରୀମାନେ ଏହି ଆଦେଶ ବିରୁଦ୍ଧରେ ଏହା ଯୁକ୍ତି କରି ଆବେଦନ ଦାଖଲ କଲେ ଯେ ବିଦ୍ୟମାନ ଥିବା ଦୁଇଟି ମକଦ୍ଦମା ପୃଥକ ପୃଥକ କାରଣ ଉପରେ ଆଧାରିତ ଏବଂ ବୈଷୟିକ ଆଧାରରେ ପୂର୍ବ ମକଦ୍ଦମାର ଖାରଜ ପରବର୍ତ୍ତୀ ମକଦ୍ଦମା ବିରୁଦ୍ଧରେ ପ୍ରତିବନ୍ଧକ ସାଜି ପାରିବ ନାହିଁ । ଉଚ୍ଚ ନ୍ୟାୟାଳୟଙ୍କର ଏକ ଦୁଇଜଣିଆ ଖଣ୍ଡପୀଠ ଏହି ଆବେଦନକୁ ମଧ୍ୟ ଖାରଜ କରିଦେଲେ । ଉଚ୍ଚ ନ୍ୟାୟାଳୟଙ୍କର ନିଷ୍ପତ୍ତି ବିରୁଦ୍ଧରେ, ଆବେଦନକାରୀମାନେ ଏହି ନ୍ୟାୟାଳୟରେ ଆବେଦନ କଲେ ।

ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ

ରାୟ ଦେଲେ ଯେ : **1.**ଦେୱାନୀ ପ୍ରକ୍ରିୟା ସଂହିତା, **1908** ର ଧାରା **11,** ପୂର୍ବ ନ୍ୟାୟ ନିଷ୍ପତ୍ତି ସହିତ ଜଡ଼ିତ ଏବଂ ଏହା ପ୍ରାବଧାନ ରଖେ ଯେ ଏକ ପୂର୍ବ ମକଦ୍ଦମାରେ ପ୍ରତିରକ୍ଷା ଏବଂ ଆରୋପ ନିମିତ୍ତ କୌଣସି ଏକ ପ୍ରସଙ୍ଗକୁ ଯଦି ଏକ ଆଧାର କରାଯାଇଥାଇ ପାରେ କିମ୍ବା କରାଯିବା ଉଚିତ ତାହା ଏପରି ମକଦ୍ଦମାରେ ଥିବା ବିବାଦରେ ପ୍ରତ୍ୟକ୍ଷ ରୂପେ ଏବଂ ସାରତଃ ଏକ ପ୍ରସଙ୍ଗ ହେବ ବୋଲି ଧରି ନିଆଯିବ । ଏଠାରେ ଗୁରୁତ୍ୱପୂର୍ଣ୍ଣ ଶବ୍ଦଗୁଡ଼ିକ ହେଉଛି "ଶୁଣାଣି କରାଯାଇଛି ଏବଂ ପରିଶେଷରେ ନିଷ୍ପତ୍ତି କରାଯାଇଛି" । ଏଠାରେ ଏପରି ନିଷେଧ କେବଳ ସେତେବେଳେ ଲାଗୁ ହୁଏ ଯଦି ପୂର୍ବ ମକଦ୍ଦମାରେ ବିବାଦରେ ଥିବା ପ୍ରସଙ୍ଗରେ ଏପରି ମକଦ୍ଦମାକୁ ବିଚାର କରିବାକୁ ଏକ ସକ୍ଷମ ଅଦାଲତଙ୍କ ଦ୍ୱାରା ପ୍ରତ୍ୟକ୍ଷ ଏବଂ ସାରତଃ ଶୁଣାଣି କରାଯାଇଛି ଏବଂ ପରିଶେଷରେ ନିଷ୍ପତି

ନିଆଯାଇଛି । ଏହାର ଅର୍ଥ ହେଉଛି, ପ୍ରଶ୍ନରେ ଥିବା ପ୍ରସଙ୍ଗ ଏବଂ ବିବାଦରେ ଏକ ନ୍ୟାୟିକ ମାନସିକତାର ପ୍ରୟୋଗ କରାଯାଇଛି ଏବଂ ଏକ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି । ଯଦି ବିବାଦରେ ଥିବା ପ୍ରସଙ୍ଗରେ ପୂର୍ବ ମକଦ୍ଦମାକୁ କେବଳ ଅଣ- ସଂଯୋଗର ବୈଷୟିକ ଆଧାରରେ କୌଣସି ବିଚାର ବିନା ଖାରଜ କରିଦିଆଯାଇଛି , ସେହି କ୍ଷେତ୍ରରେ ପୂର୍ବ ନ୍ୟାୟ ନିଷ୍ପତ୍ତି  ଲାଗୁ ହେବ ନାହିଁ ।

**2.** ଉଚ୍ଚ ନ୍ୟାୟାଳୟ  ଏହି ତଥ୍ୟକୁ ଗୁରୁତ୍ୱ ଦେବାରେ ବିଫଳ ହୋଇଥିଲେ ଯେ ଅପିଲୀୟ ଅଦାଲତ ମାମଲାର ଗୁଣବତ୍ତା ଉପରେ ବିଚାର କରିନଥିଲେ କିନ୍ତୁ ଏକ ବୈଷୟିକ ଆଧାରରେ ନିମ୍ନ ଅଦାଲତ ଦ୍ୱାରା ମକଦ୍ଦମାର ଖାରଜକୁ ନିଶ୍ଚିତ କରିଥିଲେ । ତେଣୁ, ସଂକ୍ଷିପ୍ତ କାରଣ ମକଦ୍ଦମାର ଖାରଜ ଏବଂ ପରବର୍ତ୍ତୀ ମକଦ୍ଦମା,  ସ୍ୱତନ୍ତ୍ର ଦେୱାନୀ ମକଦ୍ଦମାର ପ୍ରତିବନ୍ଧକ ଭାବରେ ଲାଗୁ ହୋଇପାରିବେ ନାହିଁ । ପୂର୍ବ ନ୍ୟାୟ ନୀତି ଉପରେ ଆଧାରିତ ଆବେଦନ ଏଠାରେ ବିଫଳ ହୁଏ ।

*ସେଓଧାନ ସିଂହ ବନାମ ଦରିୟାଓ କୁଆଁୱାର,* **AIR (1966) SC 1332 = [1966] 3 SCR 300**ଏବଂ ଇନାସିଓ *ମାର୍ଟିନ୍ସ ବନାମ ନାରାୟଣ ହରି ନାଏକ, [1993]* **3 SCC 123** ମାମଲା ଗୁଡ଼ିକ ଉପରେ ନିର୍ଭର କରାଗଲା ।

ପୂର୍ବ ନ୍ୟାୟ ନୀତି ଏବଂ ଆଦେଶ **2** ର ନିୟମ **2,** ଆଇନର ନିୟମ ଉପରେ ଏହି କାରଣରୁ ଆଧାରିତ ଯେ ଜଣେ ବ୍ୟକ୍ତିଙ୍କୁ ଗୋଟିଏ ଏବଂ ଅନୁରୂପ କାରଣ ପାଇଁ ଦୁଇଥର ହଇରାଣ କରାଯାଇପାରିବ ନାହିଁ । ଏକ ମକଦ୍ଦମା ପାଇଁ କାରଣ ସେହି ସମସ୍ତ ତଥ୍ୟକୁ ନେଇ ଗଠିତ ଯାହାକୁ ବାଦୀଙ୍କୁ ନିଶ୍ଚିତ ଭାବରେ ମାନି ନେବାକୁ ପଡ଼ିବ ଏବଂ ଯଦି ସେ ଏପରି ନକରନ୍ତି ତେବେ ତାଙ୍କୁ ରାୟରେ ଥିବା ତାଙ୍କ ଅଧିକାରକୁ ସମର୍ଥନ କରିବା ପାଇଁ ପ୍ରମାଣ କରିବାକୁ ପଡ଼ିବ ।

*ମହମ୍ମଦ. ଖଲିଲ ଖାନ ବନାମ ମହବୁବ ଅଲ୍ଲୀ* ଖାନ, **AIR (1949) PC 78;** *କେୱଲ ସିଂହ ବନାମ* ଲାଜୱନ୍ତୀ, **AIR (1980) SC 161 [1980] 1 SCC** 290 *ଏବଂ ଇନାସିଓ ମାର୍ଟିନ୍ସ ବନାମ ନାରାୟଣ ହରି* ନାଏକ, **[1993] 3 SCC 123,** ମାମଲା ଗୁଡ଼ିକୁ ତର୍ଜମା ନିମିତ୍ତ ସୂଚିତ କରାଗଲା ।

**4.** ଏକ ବ୍ୟାଙ୍କର ପ୍ରତିଭୂତି ହେଉଛି ସାଧାରଣତଃ ଏକ ସ୍ୱତନ୍ତ୍ର ଚୁକ୍ତି ଏବଂ ଅନ୍ତର୍ନିହିତ ଚୁକ୍ତିଠାରୁ ଏହା ଭିନ୍ନ ଏବଂ ସ୍ୱାଧୀନ , ଯାହାର କାର୍ଯ୍ୟକାରିତା ଏହା ସୁରକ୍ଷିତ କରିବାକୁ ଚାହେଁ । ସେହି କ୍ଷେତ୍ରରେ ଏହା ଅନ୍ତର୍ନିହିତ ଚୁକ୍ତି ଠାରୁ ପୃଥକ ଏକ  କାରଣକୁ ସୃଷ୍ଟି କରେ ବୋଲି କୁହାଯାଇପାରେ । ଯେତେବେଳେ ଆବେଦନକାରୀମାନେ, ସଂକ୍ଷିପ୍ତ କାରଣ ମକଦ୍ଦମା ମାଧ୍ୟମରେ

**କାର୍ଯ୍ୟଦକ୍ଷତା ପ୍ରତିଭୂତିକୁ ଲାଗୁ କରିବାକୁ ଚାହୁଁଥିଲେ, ସେମାନେ କାରଣ ଆଧାରରେ ପ୍ରତିକାର ଚାହୁଁଥିଲେ ଯାହା ପରବର୍ତ୍ତୀ ସମୟରେ ସେମାନେ ସ୍ୱତନ୍ତ୍ର ଦେୱାନୀ ମକଦ୍ଦମା ରେ ସେମାନଙ୍କର ଯେଉଁ ଦାବିକୁ ଆଧାର କରିଥିଲେ ତାହାଠାରୁ ଭିନ୍ନ ଥିଲା ।**

*ସିଦାରାମାପ୍ପା ବନାମ ରାଜଶେଟ୍ଟୀ, AIR (1970)* **SC 1059, ମାମଲାକୁ ବିଚାରାର୍ଥେ ସୂଚିତ କରାଗଲା ।**

**5. ପ୍ରତିଭୂତି ପ୍ରଦାନ କରୁଥିବା ବ୍ୟାଙ୍କ ଚୁକ୍ତିରେ ଥିବା ପକ୍ଷମାନଙ୍କ ମଧ୍ୟରେ ହୋଇଥିବା ଅନ୍ତର୍ନିହିତ ଚୁକ୍ତି ସହିତ ଜଡ଼ିତ ନୁହେଁ । ଏକ କାର୍ଯ୍ୟଦକ୍ଷତା ପ୍ରତିଭୂତି ଅନୁଯାୟୀ ବ୍ୟାଙ୍କର କର୍ତ୍ତବ୍ୟ ଦସ୍ତାବିଜ ଦ୍ୱାରା ହିଁ ସୃଷ୍ଟି ହୁଏ । ଥରେ ଦସ୍ତାବିଜଗୁଡିକ ସଠିକ କ୍ରମରେ ରହିଲେ , ପ୍ରତିଭୂତି ପ୍ରଦାନ କରୁଥିବା ବ୍ୟାଙ୍କ ତାହାକୁ ଗ୍ରହଣ କରିବା ଏବଂ ତଦନୁଯାୟୀ ଦେୟ ପ୍ରଦାନ କରିବା ନିଶ୍ଚିତ । ସାଧାରଣତଃ, ଯଦି ଠକେଇ କିମ୍ବା ଏହିପରି କୌଣସି ଅଭିଯୋଗ ନଥାଏ, ତେବେ ଅଦାଲତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ, ଦେୟ ଅଟକାଇବା ପାଇଁ ମାମଲାରେ ହସ୍ତକ୍ଷେପ କରିବେ ନାହିଁ, ନଚେତ୍ ଦେଶୀୟ ଏବଂ ଆନ୍ତର୍ଜାତୀୟ ବାଣିଜ୍ୟ ଉପରେ ଥିବା ବିଶ୍ୱାସ ଅପୂରଣୀୟ ଭାବରେ କ୍ଷତିଗ୍ରସ୍ତ ହେବ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଅନ୍ତର୍ନିହିତ ଚୁକ୍ତିରେ ଥିବା ପକ୍ଷମାନେ ଚୁକ୍ତିରେ ନିର୍ଦ୍ଧାରିତ ହୋଇଥିବା ଭଳି ମକଦ୍ଦମା କିମ୍ବା ମଧ୍ୟସ୍ଥତା ଜରିଆରେ ଚୁକ୍ତି ଭଙ୍ଗ ଅଭିଯୋଗ ସମ୍ବନ୍ଧରେ ସେମାନଙ୍କର ବିବାଦର ଫଇସଲା କରିପାରିବେ ନାହିଁ । ଚୁକ୍ତିରୁ ଉପୁଜିଥିବା ପ୍ରତିକାରକୁ ନିଷେଧ କରାଯାଇନାହିଁ ଏବଂ ତାହାର କାରଣ ପ୍ରତିଭୂତିକୁ କାର୍ଯ୍ୟକାରୀ କରିବା ଠାରୁ ସ୍ୱାଧୀନ ଅଟେ ।**

*ୟୁକୋ ବ୍ୟାଙ୍କ ବନାମ ବ୍ୟାଙ୍କ ଅଫ୍ ଇଣ୍ଡିଆ,[1981]* **3 SCR 300; ସେଣ୍ଟାକ୍ସ** *(ଇଣ୍ଡିଆ) ଲିମିଟେଡ ବନାମ ଭିନମାର ଇମ୍ପେକ୍ସ ଆଇ* **ଏନ୍ ସି , [1986] 4 SCC** *136 ଏବଂ ଉତ୍ତର ପ୍ରଦେଶ ସମବାୟ ମହାସଙ୍ଘ ଲିମିଟେଡ ବନାମ ସିଂହ କନସଲଟାଣ୍ଟସ୍* **ଆଣ୍ଡ ଇଞ୍ଜିନିୟର୍ସ (ପି) ଲିମିଟେଡ, [1988] 1 SCC 174, ମାମଲାଗୁଡ଼ିକୁ ବିଚାରାର୍ଥେ ସୂଚିତ କରାଗଲା ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 1497/1996 ।

ପ୍ରଥମ ଆବେଦନ ସଂଖ୍ୟା 151/1993 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କର 9.7.93 ତାରିଖର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀମାନଙ୍କ ତରଫରୁ ଡି. ଏମ୍. ନାରଗୋଲକର ।

ଉତ୍ତରଦାତାମାନଙ୍କ ତରଫରୁ ଏସ୍. ଜେ. ସୋରାବଜୀ, ସୁଶ୍ରୀ ନନ୍ଦିନୀ ଗୋରେ ଏବଂ ସୁଶ୍ରୀ ମାଣିକ କରଞ୍ଜାୱାଲା ।

ମୁଖ୍ୟ ନ୍ୟାୟମୂର୍ତ୍ତି ଅହମଦିଙ୍କ ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

**ଆବେଦନକାରୀମାନେ** ହେଉଛନ୍ତି ମହାରାଷ୍ଟ୍ର ରାଜ୍ୟ ଏବଂ ଏହାର ଜଣେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଯିଏ ସମ୍ପୃକ୍ତ ସମୟ ମଧ୍ୟରେ ନାଥନଗରର ପଥର ବନ୍ଧ ବିଭାଗରେ ନିଯୁକ୍ତ ଥିଲେ ।1967 ମସିହାରେ, ଆବେଦନକାରୀମାନେ ଜୟକୱାଡ଼ି ପ୍ରକଳ୍ପ, ପର୍ଯ୍ୟାୟ-1 (ଏହା ପର ଠାରୁ ଏହାକୁ "କାର୍ଯ୍ୟ" ବୋଲି କୁହାଯାଇଛି ) ର ଅଂଶବିଶେଷ ଭାବେ ଗୋଦାବରୀ ନଦୀ ଉପରେ ପଇଥନ ବନ୍ଧର ପଥର ରେ ତିଆରି ହେବାକୁ ଥିବା ଅଂଶର ନିର୍ମାଣ ପାଇଁ ନିଲାମ ଡାକରା କରିଥିଲେ ।ପ୍ରଥମ ଉତ୍ତରଦାତା , ମେସର୍ସ ଜାତୀୟ ନିର୍ମାଣ କମ୍ପାନୀ , ବମ୍ବେ ( ଏହା ପରଠାରୁ '' ଠିକାଦାର '' ) ଉକ୍ତ କାର୍ଯ୍ୟ ପାଇଁ ଏହାର ନିଲାମ ଦାଖଲ କରିଥିଲେ, ଯାହାକୁ ଆବେଦନକାରୀମାନଙ୍କ ଦ୍ୱାରା 30.3.1967 ତାରିଖରେ ଗ୍ରହଣ କରାଯାଇଥିଲା ।

6.1.1968 ତାରିଖରେ, ଦ୍ୱିତୀୟ ଉତ୍ତରଦାତା , ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏହ ପରଠାରୁ "ବ୍ୟାଙ୍କ" ବୋଲି କୁହାଯାଇଛି), କାର୍ଯ୍ୟଦକ୍ଷତା ପ୍ରତିଭୂତି ସଂଖ୍ୟା 57/22 ନିଷ୍ପାଦନ କରିଥିଲେ ଯାହା ଦ୍ୱାରା ଏହା ପ୍ରତିଶୃତି ଦେଇଥିଲେ ଯେ ଠିକାଦାର, ଆବେଦନକାରୀ ଏବଂ ଠିକାଦାରଙ୍କ ମଧ୍ୟରେ ହୋଇଥିବା ଚୁକ୍ତିର ନିୟମ ଓ ସର୍ତ୍ତାବଳୀକୁ ବିଶ୍ୱସ୍ତତାର ସହ ପାଳନ କରିବେ ।ପ୍ରତିଭୂତିର ସର୍ତ୍ତାବଳୀ ଅନୁଯାୟୀ, କାର୍ଯ୍ୟ ସମ୍ପାଦନରେ ଠିକାଦାରଙ୍କ ଖିଲାପ କ୍ଷେତ୍ରରେ ଠିକାଦାରଙ୍କ କାର୍ଯ୍ୟଦକ୍ଷତାରେ ଖିଲାପ ହେଲେ , ବ୍ୟାଙ୍କ ଏବଂ ଠିକାଦାର ମିଳିତ ଓ ପୃଥକ ଭାବରେ ଦାୟୀ ହେବେ ; ଯେଉଁଠାରେ କି ତାହା Rs 14,12,836 ଟଙ୍କାରେ ସୀମିତ ଥିଲା ଅର୍ଥାତ୍ ଏହା ଚୁକ୍ତି ମୂଲ୍ୟର 5 ପ୍ରତିଶତ ଥିଲା । ଏହି ପ୍ରତିଭୂତି 3.7.1972 ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ । ଏହାର ତୁରନ୍ତ ପରେ, 8.1.1968 ତାରିଖରେ, ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଚୁକ୍ତିନାମାକୁ ନିଷ୍ପାଦନ କରାଯାଇଥିଲା । ତେବେ ପ୍ରାୟ ଦୁଇ ବର୍ଷ ଧରି କୌଣସି କାର୍ଯ୍ୟ ଆରମ୍ଭ ହୋଇନଥିଲା ।11.12.1969 ତାରିଖରେ, ଆବେଦନକାରୀମାନେ ଠିକାଦାରଙ୍କୁ କାର୍ଯ୍ୟ ଆରମ୍ଭ କରିବାକୁ ଏକ ସମୟ ସୀମା ଦେଇଥିଲେ । ଏହା ଅଭିଯୋଗ ହୋଇଛି ଯେ ଠିକାଦାର କାର୍ଯ୍ୟ ଆରମ୍ଭ କରିବା ପରିବର୍ତ୍ତେ 19.12.1969 ତାରିଖରେ କାର୍ଯ୍ୟକୁ ଛାଡ଼ି ପଳାଇଥିଲେ ।ଆବେଦନକାରୀମାନେ ଅଭିଯୋଗ କରିଛନ୍ତି ଯେ କାର୍ଯ୍ୟକୁ ପୁନର୍ବାର ଆରମ୍ଭ କରିବା ପାଇଁ ସେମାନଙ୍କର ବାରମ୍ବାର

ଅନୁରୋଧର ଠିକାଦାର କୌଣସି ଜବାବ ଦେଇନଥିଲେ, ଯାହା ସେମାନଙ୍କୁ କାର୍ଯ୍ୟ ସମାପ୍ତ କରିବା ନିମିତ୍ତ ଅନ୍ୟ ସଂସ୍ଥାକୁ ନିଯୁକ୍ତ କରିବାକୁ ବାଧ କରିଥିଲା । ଏହି ପ୍ରକ୍ରିୟାରେ, 31.5.1972 ତାରିଖ ସୁଦ୍ଧା ସେମାନେ ଦାବି କରନ୍ତି ଯେ ସେମାନେ ମୋଟ 1,44,18, 970.24.ଟଙ୍କାର କ୍ଷତି ସହିଛନ୍ତି ।

ଏହି ପର୍ଯ୍ୟାୟରେ, 21.6.1972 ତାରିଖରେ, ଆବେଦନକାରୀମାନେ କେବଳ ମୂଳ ପାର୍ଶ୍ୱରେ ଥିବା ବ୍ୟାଙ୍କ ବିରୁଦ୍ଧରେ, ବମ୍ବେ ଉଚ୍ଚ ନ୍ୟାୟାଳୟରେ ସଂକ୍ଷିପ୍ତ ମକଦ୍ଦମା ସଂଖ୍ୟା 491/72 ଦାଖଲ କରି Rs. 14,12,836 ଟଙ୍କା ଯାହା ସୁଧ ସହିତ କାର୍ଯ୍ୟଦକ୍ଷତା ପ୍ରତିଭୂତି ସଂଖ୍ୟା 57/22 ରେ ନିର୍ଦ୍ଧାରିତ ପରିମାଣ ଥିଲା ତାହାକୁ ଆଦାୟ କରିବା ପାଇଁ ଅନୁରୋଧ କରିଥିଲେ । ଏଠାରେ ଏହାକୁ ଧ୍ୟାନ ଦେବା ପ୍ରାସଙ୍ଗିକ ହେବ ଯେ 3.7.1972 ତାରିଖରେ ପ୍ରତିଭୂତି ଶେଷ ହେବା ପୂର୍ବରୁ ମକଦ୍ଦମା ଦାଖଲ କରାଯାଇଥିଲା ।17.1.1983 ତାରିଖରେ, ବମ୍ବେ ଉଚ୍ଚ ନ୍ୟାୟାଳୟ, ପକ୍ଷମାନଙ୍କ ସଂଯୋଗ ଜନିତ ତ୍ରୁଟି ଯୋଗୁଁ ଏହା ଧରି ନେଇ ମକଦ୍ଦମାକୁ ଖାରଜ କରିଦେଲେ ଯେ ଖିଲାପ ଏବଂ ବ୍ୟାଙ୍କର ତଦନୁଯାୟୀ ଦାୟିତ୍ୱ ଜନିତ ବିବାଦର ନିଷ୍ପତ୍ତି ନେବା ନିମିତ୍ତ ଠିକାଦାର ହେଉଛନ୍ତି ଏକ ଆବଶ୍ୟକ ପକ୍ଷ । ଏହି ଆଦେଶ ବିରୁଦ୍ଧରେ ଆବେଦନରେ, ଆବେଦନ ସଂଖ୍ୟା 303/83ରେ ଆବେଦନକାରୀମାନେ ଆବେଦନ ପତ୍ର ସ୍ମାରକର କାରଣ ଶୀର୍ଷକରେ ଠିକାଦାରଙ୍କୁ ଏକ ପକ୍ଷ ଭାବରେ ଅନ୍ତର୍ଭୁକ୍ତ କରିଥିଲେ, କିନ୍ତୁ ସେହି ସମାନ ଆଧାରରେ 7.4.1983 ତାରିଖରେ ଆବେଦନକୁ ଖାରଜ କରାଯାଇଥିଲା । ତେବେ ଏହା ସ୍ପଷ୍ଟ କରାଯାଇପାରେ ଯେ ଅଦାଲତଙ୍କ ଆଦେଶ ଦ୍ୱାରା ଠିକାଦାରଙ୍କୁ ଏକ ପକ୍ଷ ଭାବରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ ।

ସେହି ଦିନ ଅର୍ଥାତ୍ 7.4.1983 ତାରିଖରେ ଆବେଦନକାରୀମାନେ, ଔରଙ୍ଗାବାଦର ଦେୱାନୀ ବିଚାରପତି (ବରିଷ୍ଠ ଖଣ୍ଡ) ଙ୍କ ଅଦାଲତରେ ଉଭୟ ଠିକାଦାର ଏବଂ ବ୍ୟାଙ୍କ ବିରୋଧରେ ସ୍ୱତନ୍ତ୍ର ଦେୱାନୀ ଆବେଦନ ସଂଖ୍ୟା 29/83 ଦାଖଲ କରିଥିଲେ । ଏହି ମକଦ୍ଦମାରେ ଆବେଦନକାରୀମାନେ ଚୁକ୍ତି ଭଙ୍ଗ ଯୋଗୁଁ ହୋଇଥିବା କ୍ଷତିପୂରଣ ବାବଦରେ ସୁଧ ସହିତ Rs. 1,13,27, 298.16 ଟଙ୍କା ଦାବି କରିଥିଲେ । କାର୍ଯ୍ୟଦକ୍ଷତା ପ୍ରତିଭୂତି ଅନୁଯାୟୀ ଏଥିରେ ସେମାନଙ୍କର Rs. 14,12,836 ଟଙ୍କାର ଦାବି ମଧ୍ୟ ଅନ୍ତର୍ଭୁକ୍ତ ଥିଲା ।

28.7.1992 ତାରିଖରେ ବିଦ୍ୱାନ ଦେୱାନୀ ବିଚାରପତି ଏହା ଧରି ନେଇ ମକଦ୍ଦମାକୁ ଖାରଜ କରିଦେଲେ ଯେ ଏଠାରେ ଥିବା କାରଣ ମକଦ୍ଦମାରେ ଥିବା କାରଣ ସହ ଅନୁରୂପ , ତେଣୁ ଏହାକୁ ଦେୱାନୀ ପ୍ରକ୍ରିୟା ସଂହିତା, 1908 ( ଏହା ପରଠାରୁ ଏହାକୁ ''ସଂହିତା'' ବୋଲି କୁହାଯିବ ) ର ଧାରା 11 ର ବ୍ୟାଖ୍ୟା IV ସହ ନିୟମ 2 ର ଆଦେଶ 2 ଅନୁଯାୟୀ ପୂର୍ବ ନ୍ୟାୟ ନୀତି ଦ୍ୱାରା

ନିଷେଧ କରାଗଲା । ଆବେଦନକାରୀମାନେ ଏହି ଆଦେଶ ବିରୁଦ୍ଧରେ ଏହି ଆଧାରରେ ଆବେଦନ କରିଥିଲେ ଯେ ଦୁଇଟି ମକଦ୍ଦମା ପୃଥକ କାରଣ ଉପରେ ଆଧାରିତ ଥିଲା ଏବଂ ବୈଷୟିକ ଆଧାରରେ ପୂର୍ବ ମକଦ୍ଦମାର ଖାରଜ ପରବର୍ତ୍ତୀ ମକଦ୍ଦମା ବିରୁଦ୍ଧରେ ପ୍ରତିବନ୍ଧକ ଭାବରେ କାର୍ଯ୍ୟ କରିପାରିବ ନାହିଁ । 9.7.1993 ତାରିଖରେ, ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କର ଏକ ଦୁଇଜଣିଆ ଖଣ୍ଡପୀଠ ତାଙ୍କର ଏହି ବିବାଦୀୟ ନିଷ୍ପତ୍ତି ଦ୍ୱାରା ଏହି ଆବେଦନକୁ ଖାରଜ କରିଦେଇଛନ୍ତି । ଏଥିରେ ବ୍ୟଥିତ ହୋଇ, ଆବେଦନକାରୀମାନେ ସ୍ୱତନ୍ତ୍ର ଅନୁମତି ମାଧ୍ୟମରେ ଏହି ନ୍ୟାୟାଳୟଙ୍କର ଦ୍ୱାରସ୍ଥ ହୋଇଛନ୍ତି ।

ଆମେ ପ୍ରଥମେ ସଂହିତାର ଧାରା 11 ର ବ୍ୟାଖ୍ୟା 4 ଆଧାରରେ ଆବେଦନର ସମାଧାନ କରିପାରିବା । ସେହି ଧାରା ପୂର୍ବ ନ୍ୟାୟ ନୀତି ସହିତ ଜଡ଼ିତ ଏବଂ ତାହା ପ୍ରାବଧାନ ରଖେ ଯେ ଏକ ପୂର୍ବ ମକଦ୍ଦମାରେ ପ୍ରତିରକ୍ଷା ଏବଂ ଆରୋପ ନିମିତ୍ତ କୌଣସି ଏକ ପ୍ରସଙ୍ଗକୁ ଯଦି ଏକ ଆଧାର କରାଯାଇଥାଇ ପାରେ କିମ୍ବା କରାଯିବା ଉଚିତ ତାହା ଏପରି ମକଦ୍ଦମାରେ ଥିବା ବିବାଦରେ ପ୍ରତ୍ୟକ୍ଷ ରୂପେ ଏବଂ ସାରତଃ ଏକ ପ୍ରସଙ୍ଗ ହେବ ବୋଲି ଧରି ନିଆଯିବ । ଯେହେତୁ ପୂର୍ବ ନ୍ୟାୟର ଆବେଦନକୁ ଏକ ସଂକୀର୍ଣ୍ଣ ଆଧାରରେ ଫଇସଲା କରାଯାଇପାରିବ, ତେଣୁ ବ୍ୟାଖ୍ୟା IV ର ପରିସରକୁ ତର୍ଜମା କରିବାର କୌଣସି ଆବଶ୍ୟକ ନାହିଁ । ଧାରା 11 ମୁଖ୍ୟତଃ ନିମ୍ନମତେ ପ୍ରାବଧାନ ରଖେ :

> ଧାରା 11 ପୂର୍ବ ନ୍ୟାୟ - କୌଣସି ଅଦାଲତ କୌଣସି ମକଦ୍ଦମା କିମ୍ବା ବିବାଦର ବିଚାର କରିବେ ନାହିଁ ଯେଉଁଥିରେ ବିବାଦରେ ଥିବା ପ୍ରସଙ୍ଗଟି ପ୍ରତ୍ୟକ୍ଷ ଏବଂ ସାରତଃ ସମାନ ପକ୍ଷମାନଙ୍କ ମଧ୍ୟରେ ଏକ ପୂର୍ବ ମକଦ୍ଦମା ସହିତ ପ୍ରତ୍ୟକ୍ଷ ଏବଂ ଯଥେଷ୍ଟ ରୂପେ ଜଡ଼ିତ ରହିଛି କିମ୍ବା ସେହି ପକ୍ଷମାନେ ଯେଉଁମାନଙ୍କ ଅଧୀନରେ ସେମାନେ କିମ୍ବା ସେମାନଙ୍କ ମଧ୍ୟରୁ ଜଣେ ସେହି ସମାନ ଶୀର୍ଷକ ଅଧୀନରେ ଏଭଳି ପରବର୍ତ୍ତୀ ମକଦ୍ଦମା କିମ୍ବା ସେହି ମକଦ୍ଦମା ଯାହା ପରବର୍ତ୍ତୀ ସମୟରେ ଉଠାଯାଇଛି ତାହାକୁ ଏକ ସକ୍ଷମ ଅଦାଲତରେ ବିଚାର କରାଯିବାକୁ ଥିବା ଏକ ମକଦ୍ଦମାରେ ଦାବି କରନ୍ତି ଏବଂ ସେହି ମକଦ୍ଦମାର ଶୁଣାଣି କରାଯାଇଛି ଏବଂ ପରିଶେଷରେ ଏଭଳି ଅଦାଲତଙ୍କ ଦ୍ୱାରା ନିଷ୍ପତ୍ତି ନିଆଯାଇଛି ।

ଏଠାରେ ଗୁରୁତ୍ୱପୂର୍ଣ୍ଣ ଶବ୍ଦଗୁଡ଼ିକ ହେଉଛି "ଶୁଣାଣି କରାଯାଇଛି ଏବଂ ପରିଶେଷରେ ନିଷ୍ପତ୍ତି ନିଆଯାଇଛି"।ଏଠାରେ ଏପରି ପ୍ରତିବନ୍ଧକ କେବଳ ସେତେବେଳେ ଲାଗୁ ହୁଏ ଯଦି ପୂର୍ବ ମକଦ୍ଦମାରେ ବିବାଦରେ ଥିବା ପ୍ରସଙ୍ଗରେ ଏପରି ମକଦ୍ଦମାକୁ ବିଚାର କରିବାକୁ ଏକ ସକ୍ଷମ

ଅଦାଲତଙ୍କ ଦ୍ୱାରା ପ୍ରତ୍ୟକ୍ଷ ଏବଂ ସାରତଃ ଶୁଣାଣି କରାଯାଇଛି ଏବଂ ପରିଶେଷରେ ନିଷ୍ପତି ନିଆଯାଇଛି । ଏହାର ଅର୍ଥ ହେଉଛି, ପ୍ରଶ୍ନରେ ଥିବା ପ୍ରସଙ୍ଗ ଏବଂ ବିବାଦରେ ଏକ ନ୍ୟାୟିକ ମାନସିକତାର ପ୍ରୟୋଗ କରାଯାଇଛି ଏବଂ ଏକ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି । ଯଦି ବିବାଦରେ ଥିବା ପ୍ରସଙ୍ଗରେ ପୂର୍ବ ମକଦ୍ଦମାକୁ କେବଳ ଅଣ- ସଂଯୋଗର ବୈଷୟିକ ଆଧାରରେ କୌଣସି ବିଚାର ବିନା ଖାରଜ କରିଦିଆଯାଇଛି , ସେହି କ୍ଷେତ୍ରରେ ପୂର୍ବ ନ୍ୟାୟ ନିଷ୍ପତ୍ତି ଲାଗୁ ହେବ ନାହିଁ ।

ଏହାର ବିବାଦୀୟ ଆଦେଶରେ , ବମ୍ବେ ଉଚ୍ଚ ନ୍ୟାୟାଳୟ ଏହି ତଥ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ଯେ ଏକ ଆବଶ୍ୟକ ପକ୍ଷ ଅର୍ଥାତ୍ ଠିକାଦାରଙ୍କ ସଂଯୋଗ ଜନିତ ତ୍ରୁଟି ଆଧାରରେ ସଂକ୍ଷିପ୍ତ କାରଣ ଯୋଗୁଁ ମକଦ୍ଦମାକୁ ଖାରଜ କରାଯାଇଥିଲା । ତେବେ ଏହା ଏହି ତଥ୍ୟ ଉପରେ ଗୁରୁତ୍ୱ ଦେଇଛନ୍ତି ଯେ ନିମ୍ନ ଅଦାଲତଙ୍କର ଆଦେଶ ବିରୁଦ୍ଧରେ ଆବେଦନରେ ଆବେଦନକାରୀମାନେ ଠିକାଦାରଙ୍କୁ ପକ୍ଷଭୁକ୍ତ କରିଥିଲେ ଏବଂ ତଥାପି ଆବେଦନକୁ ଖାରଜ କରିଦିଆଗଲା । ଉଚ୍ଚ ନ୍ୟାୟାଳୟ ଏହି ତଥ୍ୟ ଉପରେ ନିର୍ଭର କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ଦ୍ୱିତୀୟ ମକଦ୍ଦମାକୁ ପୂର୍ବ ନ୍ୟାୟ ନୀତି ଦ୍ୱାରା ନିଷେଧ କରାଯାଇଥିଲା । ତେବେ, ଉଚ୍ଚ ନ୍ୟାୟାଳୟ ଏହି ତଥ୍ୟ କୁ ଗୁରୁତ୍ୱ ଦେଇନଥିଲେ ଯେ ଆବେଦନ ପ୍ରତ୍ୟାଖ୍ୟାନ କରିବାରେ, ଅପିଲୀୟ ଅଦାଲତ ଧରି ନେଲେ ଯେ ଏହି ମକଦ୍ଦମା ମନ୍ଦ ଥିଲା କାରଣ ବାଦୀଙ୍କ ବକେୟା ଉପରେ କୌଣସି ବିଚାର କିମ୍ବା ଆଇନଗତ ନିଷ୍ପତ୍ତି ହୋଇନଥିଲା ଏବଂ ଏହି କାରଣରୁ, କେବଳ ଦ୍ୱିତୀୟ ପ୍ରତିବାଦୀଙ୍କ ବିରୋଧରେଏହି ମକଦ୍ଦମା ପୋଷଣୀୟ ନଥିଲା । ତେଣୁ ଉଚ୍ଚ ନ୍ୟାୟାଳୟ ଏହି ତଥ୍ୟକୁ ଗୁରୁତ୍ୱ ଦେବାରେ ବିଫଳ ହୋଇଥିଲେ ଯେ ଅପିଲୀୟ ଅଦାଲତ ମାମଲାର ଗୁଣବତ୍ତା ଉପରେ ବିଚାର କରିନଥିଲେ, କିନ୍ତୁ ବୈଷୟିକ ଆଧାରରେ ନିମ୍ନ ଅଦାଲତଙ୍କ ଦ୍ୱାରା ମକଦ୍ଦମା ଖାରଜକୁ ନିଶ୍ଚିତ କରିଥିଲେ ।

ଉଚ୍ଚ ନ୍ୟାୟାଳୟ ଙ୍କ ଦ୍ୱାରା ଆଇନର ଏହି ବିବୃତି ସେଓଧାନ ସିଂହ ବନାମ ଦରିୟାଓ କୁଆଁୱାର,AIR (1966) SC 1332 atp. 1336 = [1966] 3 S.C.R. 300. atp. 307 ମାମଲାରେ ଏହି ନ୍ୟାୟାଳୟଙ୍କର ନିଷ୍ପତ୍ତିକୁ ଦୃଷ୍ଟିରେ ରଖି ଏହା ଭୁଲ ଥିଲା, ଯେଉଁଥିରେ, ସଂହିତାର ଧାରା 11 ରେ ବ୍ୟବହୃତ "ଶୁଣାଣି କରାଯାଇଛି ଏବଂ ପରିଶେଷରେ ନିଷ୍ପତ୍ତି ନିଆଯାଇଛି" ଶବ୍ଦଗୁଡ଼ିକର ଅର୍ଥ ବିଚାର କରିବା ସମୟରେ ଏହା ଧରି ନିଆଗଲା ଯେ :

" ଉଦାହରଣ ସ୍ୱରୂପ, ଯଦି କ୍ଷେତ୍ରାଧିକାର କିମ୍ବା ପକ୍ଷମାନଙ୍କର ସଂଯୋଗ ଜନିତ ତ୍ରୁଟି ଯୋଗୁଁ ପୂର୍ବ ମକଦ୍ଦମାକୁ ବିଚାରଣ ଅଦାଲତଙ୍କ ଦ୍ୱାରା ଖାରଜ କରାଯାଏ ..... ଏବଂ ସେହି ଖାରଜକୁ

ଯଦି ଆବେଦନ ( ଯଦି କିଛି ଥାଏ ) ଦ୍ଵାରା ନିଶ୍ଚିତ କରାଯାଏ , ତେବେ ଉକ୍ତ ନିଷ୍ପତ୍ତି ଗୁଣବତ୍ତା ଉପରେ ଆଧାରିତ ନ ହୋଇ ପରବର୍ତ୍ତୀ ମକଦ୍ଦମାରେ ପୂର୍ବ ନ୍ୟାୟ ନିଷ୍ପତ୍ତି ଅନୁଯାୟୀ ହେବ ନାହିଁ । "(ଗୁରୁତ୍ୱ ପ୍ରଦାନ କରାଗଲା)

ଏହି ନ୍ୟାୟାଳୟ ନିଜର ଏକ ନିକଟ ଅତୀତ ନିଷ୍ପତ୍ତିରେ , ଇନାସିଓ ମାର୍ଟିନ୍ସ ବନାମ ନାରାୟଣ ହରି ନାଏକ, [1993] 3 SCC ମାମଲାରେ ଏହି ପ୍ରସ୍ତାବକୁ ଦୋହରାଇଛନ୍ତି । ତେଣୁ, ଏହା ସ୍ପଷ୍ଟ ଯେ ସଂକ୍ଷିପ୍ତ  ମକଦ୍ଦମାର ଖାରଜ ଏବଂ ପରବର୍ତ୍ତୀ ଆବେଦନ , ଦେୱାନୀ ଆବେଦନ ସଂଖ୍ୟା 27/83 ପ୍ରତି ଏକ ପ୍ରତିବନ୍ଧକ ଭାବରେ କାର୍ଯ୍ୟ କରିପାରିବ ନାହିଁ । ପୂର୍ବ ନ୍ୟାୟ ନୀତି ଉପରେ ଆଧାରିତ ଆବେଦନଟି ଏଠାରେ ବିଫଳ ହୁଏ ।

ଆମେ ବର୍ତ୍ତମାନ ନିମ୍ନରେ ଥିବା ସଂହିତାର ନିୟମ 2 ର ଆଦେଶ 2 ସହିତ ଜଡିତ ପ୍ରସଙ୍ଗକୁ ବିଚାରକୁ ନେବା ।

"2. ସମ୍ପୂର୍ଣ୍ଣ ଦାବିକୁ ଅନ୍ତର୍ଭୁକ୍ତ କରିବା ପାଇଁ ମକଦ୍ଦମା । - (1) ପ୍ରତ୍ୟେକ ମକଦ୍ଦମାରେ ସମଗ୍ର ଦାବି ଅନ୍ତର୍ଭୁକ୍ତ ହେବ ଯାହାର କାରଣ ସମ୍ବନ୍ଧରେ ବାଦୀ, ଦାବି କରିବାକୁ ହକଦାର; କିନ୍ତୁ ମକଦ୍ଦମାକୁ କୌଣସି ଅଦାଲତର କ୍ଷେତ୍ରାଧିକାର ମଧ୍ୟରେ ଆଣିବା ପାଇଁ ଜଣେ ବାଦୀ ତାଙ୍କ ଦାବି କରିବାର କୌଣସି ଅଂଶକୁ ବାଦ୍  ଦେଇପାରିବେ ।

(2) ଦାବିର କିଛି ଅଂଶର ବାଦ୍ । - ଯେଉଁଠାରେ ଜଣେ ବାଦୀ ତାଙ୍କ ଦାବିର କୌଣସି ଅଂଶକୁ ମକଦ୍ଦମାରେ ବାଦ୍ ଦିଅନ୍ତି  କିମ୍ବା ଜାଣିଶୁଣି ପରିତ୍ୟାଗ କରନ୍ତି, ସେ ପରେ ଏହିପରି ବାଦ ଦିଆଯାଇଥିବା କିମ୍ବା ପରିତ୍ୟାଗ କରାଯାଇଥିବା ଅଂଶ ସମ୍ବନ୍ଧରେ ମକଦ୍ଦମା ଦାୟର କରିବେ ନାହିଁ ।

(3) ଅନେକ ପ୍ରତିକାର ମଧ୍ୟରୁ ଗୋଟିଏ ପାଇଁ ମକଦ୍ଦମା ଦାୟର କରିବାକୁ ବାଦ୍ ଦେବା । - ସମାନ କାରଣ ସମ୍ବନ୍ଧରେ ଏକାଧିକ ପ୍ରତିକାର ପାଇବାକୁ ହକଦାର୍ ଜଣେ ବ୍ୟକ୍ତି ଏପରି ସମସ୍ତ କିମ୍ବା କୌଣସି ପ୍ରତିକାର ପାଇଁ ମକଦ୍ଦମା ଦାୟର କରିପାରିବେ ; କିନ୍ତୁ ଯଦି ସେ ନ୍ୟାୟାଳୟଙ୍କର ଅନୁମତି ବିନା, ଏହିପରି ସମସ୍ତ ପ୍ରତିକାର ପାଇଁ ମକଦ୍ଦମା ଦାୟର କରିବାକୁ ବାଦ ଦିଅନ୍ତି, ତେବେ ସେ ପରେ କୌଣସି ପ୍ରତିକାର ପାଇଁ ମକଦ୍ଦମା ଦାୟର କରିବେ ନାହିଁ ।"(ବ୍ୟାଖ୍ୟାକୁ ବାଦ ଦିଆଗଲା)

ଉଭୟ ପୂର୍ବ ନ୍ୟାୟ ନୀତି ଏବଂ ଆଦେଶ 2 ର ନିୟମ 2 ଆଇନର ନିୟମ ଉପରେ ଏହି କାରଣରୁ ଆଧାରିତ ବ୍ୟକ୍ତିଙ୍କୁ ଗୋଟିଏ କିମ୍ବା ଅନୁରୂପ କାରଣ ପାଇଁ ହଇରାଣ କରଯାଇ ପାରିବ ନାହିଁ । ମହମ୍ମଦ ଖଲିଲ ଖାନ ବନାମ ମହବୁବ ଅଲ୍ଲୀ ଖାନ, AIR 1949 PC 78 atp.86 ମାମଲାରେ, ବିଶେଷ ପରିସ୍ଥିତିରେ ସଂହିତାର ଆଦେଶ 2 ର ନିୟମ 2 ଲାଗୁ ହେବ କି ନାହିଁ ତାହା ସ୍ଥିର କରିବା ପାଇଁ ପ୍ରିଭି ପରିଷଦ ଏକ ପରୀକ୍ଷଣ ସ୍ଥିର କରିଥିଲେ । ଏଥିମଧ୍ୟରୁ ପ୍ରଥମଟି ହେଉଛି, "ନୂତନ ମକଦ୍ଦମାର ଦାବି ବାସ୍ତବରେ କାରଣ ଉପରେ ଆଧାରିତ କି ଯାହା ପୂର୍ବ ମକଦ୍ଦମାର ଆଧାର ଥିଲା । "ଯଦି ଉତ୍ତରଟି ସକାରାତ୍ମକ ହୋଇଥାଏ, ତେବେ ଏହି ନିୟମ ଲାଗୁ ହେବ ନାହିଁ ।ଏହି ନିଷ୍ପତ୍ତିକୁ ପରବର୍ତ୍ତୀ ସମୟରେ କେୱଲ ସିଂହ ବନାମ ଲାଜୱନ୍ତୀ, AIR (1980) SC 161 ପୃଷ୍ଠା 163 = (1980) 1 SCC 290 ଏବଂ ଇନାସିଓ ମାର୍ଟିନ୍ସଙ୍କ ମାମଲାରେ (ଉପରୋକ୍ତରେ ) ଏହି ନ୍ୟାୟାଳୟଙ୍କର ଦୁଇଟି ନିଷ୍ପତ୍ତି ଦ୍ୱାରା ନିଶ୍ଚିତ କରାଯାଇଛି ।

ଏହା ଉତ୍ତମ ରୂପେ ସ୍ଥିର ହୋଇଛି ଯେ ଏକ ମକଦ୍ଦମା ପାଇଁ କାରଣ ସେହି ସମସ୍ତ ତଥ୍ୟକୁ ନେଇ ଗଠିତ ଯାହାକୁ ବାଦୀଙ୍କୁ ନିଶ୍ଚିତ ଭାବରେ ମାନି ନେବାକୁ ପଡ଼ିବ ଏବଂ ଯଦି ସେ ଏପରି ନକରନ୍ତି ତେବେ ତାଙ୍କୁ ରାୟରେ ଥିବା ତାଙ୍କ ଅଧିକାରର ସମର୍ଥନରେ ପ୍ରମାଣ କରିବାକୁ ପଡ଼ିବ ।

ଆବେଦନକାରୀମାନଙ୍କ ଯୁକ୍ତି ହେଉଛି ଯେ ଏହି ଦୁଇଟି ମକଦ୍ଦମା ଦୁଇଟି ଭିନ୍ନ ଭିନ୍ନ କାରଣ ସମ୍ବନ୍ଧରେ ଅଟେ ।ପ୍ରଥମ ମକଦ୍ଦମାଟି ବ୍ୟାଙ୍କର ପ୍ରତିଭୂତିକୁ ଲାଗୁ କରିବା ପାଇଁ ଦାଖଲ କରାଯାଇଥିବା ବେଳେ ଦ୍ୱିତୀୟ ମକଦ୍ଦମାଟି କାର୍ଯ୍ୟ ସମ୍ବନ୍ଧୀୟ ଚୁକ୍ତି ଭଙ୍ଗ ହୋଇଥିବା କ୍ଷତିପୂରଣ ଦାବି କରିବା ନିମିତ୍ତ ଦାଖଲ କରାଯାଇଥିଲା ।

ସଂକ୍ଷିପ୍ତ କାରଣ ମକଦ୍ଦମାର ଅଭିଯୋଗରେ, ଆବେଦନକାରୀଙ୍କ ଦାବିର ଆଧାର କାର୍ଯ୍ୟଦକ୍ଷତା ପ୍ରତିଭୂତି ସଂଖ୍ୟା 57/22 ଉପରେ ଆଧାରିତ । ଆବେଦନକାରୀମାନଙ୍କ ଦାବିର ଆଧାର ଥିଲା ଯେ ବ୍ୟାଙ୍କର ପ୍ରତିଭୂତି ଅନୁଯାୟୀ, ଚୁକ୍ତିର ସର୍ତ୍ତାବଳୀର ସଠିକ୍ ନିଷ୍ପାଦନରେ ଠିକାଦାରଙ୍କ ତରଫରୁ କୌଣସି ତ୍ରୁଟି କାରଣରୁ ହୋଇଥିବା ସମସ୍ତ କ୍ଷତି ଆବେଦନକାରୀମାନଙ୍କୁ ପରିଶୋଧ କରିବାକୁ ବ୍ୟାଙ୍କ ଉତ୍ତରଦାୟୀ ଥିଲେ । ଆବେଦନକାରୀମାନେ ବିବରଣୀ ସଂଲଗ୍ନ କରିଥିଲେ ଏବଂ ଏହି ତଥ୍ୟ ଉପସ୍ଥାପନ କରିଥିଲେ ଯାହା ଦର୍ଶାଇଥିଲା ଯେ ଠିକାଦାର, କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିନଥିବାରୁ, ଚୁକ୍ତିର ସର୍ତ୍ତାବଳୀ ପାଳନ କରିବାରେ ବିଫଳ ହୋଇଥିଲେ । ଆବେଦନକାରୀମାନେ ଆହୁରି ଅଭିଯୋଗ କରିଥିଲେ ଯେ ଠିକାଦାରଙ୍କ ଏଭଳି କାର୍ଯ୍ୟକଳାପ ଯୋଗୁଁ ସେମାନଙ୍କୁ Rs 76, 37, 557.76 ଟଙ୍କାର କ୍ଷତି ସହିବାକୁ ପଡ଼ିଥିଲା । ତେବେ, ବ୍ୟାଙ୍କ

ପ୍ରତିଭୂତିରେ ନିର୍ଦ୍ଧାରିତ ରାଶିକୁ ଦୃଷ୍ଟିରେ ରଖି ଆବେଦନକାରୀମାନେ ସେମାନଙ୍କ ଦାବିକୁ Rs 14,12,836 ଟଙ୍କାରେ ସୀମିତ ରଖିଥିଲେ ।

ଏହି ସମୟରେ ବ୍ୟାଙ୍କ ପ୍ରତିଭୂତି ସମ୍ବନ୍ଧୀୟ ଆଇନର ବିଶ୍ଳେଷଣ କରିବା ଆବଶ୍ୟକ ବୋଲି ମନେ ହୁଏ ।**ନିୟମଟି** ଉତ୍ତମ ରୂପେ ପ୍ରତିଷ୍ଠିତ ହୋଇଛି ଯେ ପ୍ରତିଭୂତି ପ୍ରଦାନ କରୁଥିବା ଏକ ବ୍ୟାଙ୍କ, ଚୁକ୍ତିର ପକ୍ଷମାନଙ୍କ ମଧ୍ୟରେ ଅନ୍ତର୍ନିହିତ ଚୁକ୍ତି ସହିତ ଜଡିତ ନୁହେଁ । ଏକ କାର୍ଯ୍ୟଦକ୍ଷତା ପ୍ରତିଭୂତି ଅନୁଯାୟୀ ବ୍ୟାଙ୍କର କର୍ତ୍ତବ୍ୟ ତଦନୁଯାୟୀ କରାଯାଇଥିବା ଦସ୍ତାବିଜ୍ ଦ୍ୱାରା ହିଁ ସୃଷ୍ଟି ହୁଏ । ଥରେ ଦସ୍ତାବିଜ ଗୁଡ଼ିକ ସଠିକ କ୍ରମରେ ରହିଲେ , ପ୍ରତିଭୂତି ପ୍ରଦାନ କରୁଥିବା ବ୍ୟାଙ୍କ ତାହାକୁ ଗ୍ରହଣ କରିବା ଏବଂ ତଦନୁଯାୟୀ ଦେୟ ପ୍ରଦାନ କରିବା ନିଶ୍ଚିତ । ସାଧାରଣତଃ, ଯଦି ଠକେଇ କିମ୍ବା ଏହିପରି କୌଣସି ଅଭିଯୋଗ ନଥାଏ, ତେବେ ଅଦାଲତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ, ଦେୟ ଅଟକାଇବା ପାଇଁ ମାମଲାରେ ହସ୍ତକ୍ଷେପ କରିବେ ନାହିଁ, ନଚେତ୍ ଦେଶୀୟ ଏବଂ ଆନ୍ତର୍ଜାତୀୟ ବାଣିଜ୍ୟ ଉପରେ ଥିବା ବିଶ୍ୱାସ ଅପୂରଣୀୟ ଭାବରେ କ୍ଷତିଗ୍ରସ୍ତ ହେବ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଅନ୍ତର୍ନିହିତ ଚୁକ୍ତିରେ ଥିବା ପକ୍ଷମାନେ ଚୁକ୍ତିରେ ନିର୍ଦ୍ଧାରିତ ହୋଇଥିବା ଭଳି ମକଦ୍ଦମା କିମ୍ବା ମଧ୍ୟସ୍ଥତା ଜରିଆରେ ଚୁକ୍ତି ଭଙ୍ଗ ଅଭିଯୋଗ ସମ୍ବନ୍ଧରେ ସେମାନଙ୍କର ବିବାଦର ଫଇସଲା କରିପାରିବେ ନାହିଁ । ଚୁକ୍ତିରୁ ଉପୁଜିଥିବା ପ୍ରତିକାରକୁ ନିଷେଧ କରାଯାଇନାହିଁ ଏବଂ ତାହାର କାରଣ, ପ୍ରତିଭୂତିକୁ କାର୍ଯ୍ୟକାରୀ କରିବା ଠାରୁ ସ୍ୱାଧୀନ ଅଟେ । ୟୁକୋ ବ୍ୟାଙ୍କ ବନାମ ବ୍ୟାଙ୍କ ଅଫ୍ ଇଣ୍ଡିଆ,[1981] 3 SCR 300; ସେଣ୍ଟାକ୍ସ (ଇଣ୍ଡିଆ) ଲିମିଟେଡ ବନାମ ଭିନମାର ଇମ୍ପେକ୍ସ ଆଇ ଏନ୍ ସି , [1986] 4 SCC 136 ଏବଂ ଉତ୍ତର ପ୍ରଦେଶ ସମବାୟ ମହାସଙ୍ଘ ଲିମିଟେଡ ବନାମ ସିଂହ କନସଲଟାଣ୍ଟସ୍ ଆଣ୍ଡ ଇଞ୍ଜିନିୟର୍ସ (ପି) ଲିମିଟେଡ, [1988] 1 SCC 174, ମାମଲାଗୁଡ଼ିକୁ ଧ୍ୟାନ ଦିଅନ୍ତୁ ।

ତେଣୁ ଆଇନଗତ ସ୍ଥିତି ହେଉଛି ଯେ ଏକ ବ୍ୟାଙ୍କ ପ୍ରତିଭୂତି ସାଧାରଣତଃ ଏକ ଚୁକ୍ତି ଯାହା ଅନ୍ତର୍ନିହିତ ଚୁକ୍ତିଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଏବଂ ସ୍ୱାଧୀନ, ଯାହାର କାର୍ଯ୍ୟକାରିତା ଏହା ସୁରକ୍ଷିତ କରିବାକୁ ଚାହେଁ । ସେହି କ୍ଷେତ୍ରରେ ଏହା ଅନ୍ତର୍ନିହିତ ଚୁକ୍ତିଠାରୁ ପୃଥକ ପୃଥକ କାରଣକୁ ସୃଷ୍ଟି କରେ ବୋଲି କୁହାଯାଇପାରେ । ତଥାପି, ବର୍ତ୍ତମାନର ମାମଲାରେ ଆମେ ଅସମର୍ଥ କାରଣ ଉଚ୍ଚ ନ୍ୟାୟାଳୟ (ଉଭୟ ବିଦ୍ୱାନ ଏକକ ବିଚାରପତି ଏବଂ ଦୁଇ ଜଣିଆ ବିଚାରପତିଙ୍କ ଖଣ୍ଡପୀଠ) ଙ୍କ ପାଖରେ ବ୍ୟାଙ୍କ ପ୍ରତିଭୂତିର ପ୍ରକୃତିକୁ ବିଶ୍ଳେଷଣ କରିବାର କୌଣସି ସୁଯୋଗ ନଥିଲା । ତେଣୁ, କେବଳ ଏହା ଦର୍ଶାଇବା ବ୍ୟତୀତ ଯେ ଏଠାରେ ଥିବା ଦୁଇଟି କାରଣ ସମାନ ହୋଇନପାରେ , ତେଣୁ ଆମେ ବ୍ୟାଙ୍କ ପ୍ରତିଭୂତିର ସଠିକ ପ୍ରକୃତି ବିଷୟରେ କୌଣସି ଅନୁଧ୍ୟାନ କରିବା ଠାରୁ ଦୂରେଇ ରହୁଛୁ ।

ଉପଯୁକ୍ତ ପର୍ଯ୍ୟାୟରେ ବ୍ୟାଙ୍କ ପ୍ରତିଭୂତିର ପ୍ରକୃତ ବିଶ୍ଳେଷଣ ଉପରେ ବିଚାର କରିବା ବିଚାରଣ ଅଦାଲତଙ୍କ ନିମିତ୍ତ ଏକ ପ୍ରସଙ୍ଗ ହେବ ।

ସ୍ୱତନ୍ତ୍ର ମକଦ୍ଦମାର ଅଭିଯୋଗରେ ଆବେଦନକାରୀମାନଙ୍କ ଦ୍ୱାରା ଅନୁରୋଧ କରାଯାଇଥିବା ମୁଖ୍ୟ ପ୍ରତିକାର ଆବେଦନକାରୀ ଏବଂ ଠିକାଦାରଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ଆଧାରରେ ଥିଲା । ଆବେଦନକାରୀମାନେ ଅଭିଯୋଗ କରିଥିଲେ ଏବଂ ତଥ୍ୟ ଏବଂ ବିବରଣୀ ଏହି ପ୍ରଭାବ ସହିତ ଉପସ୍ଥାପନ କରିଥିଲେ ଯେ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ଛାଡ଼ି ପଳାୟନ କରିବା ହେତୁ ଚୁକ୍ତି ଭଙ୍ଗ ଥିଲା ଏବଂ ଏହା ଦ୍ୱାରା ଆବେଦନକାରୀମାନଙ୍କୁ Rs. 1,13,27, 298.16 ଟଙ୍କାର କ୍ଷତି ସହିବାକୁ ପଡ଼ିଲା । ଏହି ଅର୍ଥ ରାଶିରେ କାର୍ଯ୍ୟଦକ୍ଷତା ପ୍ରତିଭୂତି ସଂଖ୍ୟା 57/22 ରେ ଆଧାରିତ Rs. 14,12,836 ଟଙ୍କା ଅନ୍ତର୍ଭୁକ୍ତ ଥିଲା ଯାହାକୁ ଠିକାଦାର ଏବଂ ବ୍ୟାଙ୍କ ପୃଥକ ଏବଂ ମିଳିତ ଭାବରେ ପ୍ରଦାନ କରିବାକୁ ଉତ୍ତରଦାୟୀ ଥିଲେ ।

ତେଣୁ ସଂକ୍ଷିପ୍ତ କାରଣ ମକଦ୍ଦମାରେ ଯେଉଁ ପ୍ରତିକାର ନିମିତ୍ତ ଅନୁରୋଧ କରାଯାଇଥିଲା ତାହା ଏକ ଭିନ୍ନ କାରଣ ଉପରେ ଆଧାରିତ ଥିଲା ଯାହା ଉପରେ ସ୍ୱତନ୍ତ୍ର ମକଦ୍ଦମାରେ କରାଯାଇଥିବା ପ୍ରାଥମିକ ପ୍ରତିକାର ଆଧାରିତ ଥିଲା ।

ସିଦାରାମାପ୍ପା ବନାମ ରାଜଶେଟ୍ଟୀ, AIR (1970) SC 1059 at pp. 1060-61 = [1970] 1 SCC 186 at 189 ମାମଲାରେ, ଏହି ନ୍ୟାୟାଳୟ ରାୟ ଦେଇଛନ୍ତି ଯେ ଯେଉଁଠାରେ କାରଣ ଯାହା ଆଧାରରେ ପୂର୍ବ ମକଦ୍ଦମା କରାଯାଇଥିଲା, ତାହା ପରବର୍ତ୍ତୀ ମକଦ୍ଦମାର ଆଧାର ଭାବେ କାର୍ଯ୍ୟ କରେ ନାହିଁ, ତେଣୁ ପୂର୍ବ ମକଦ୍ଦମାରେ, ବାଦୀ ପରବର୍ତ୍ତୀ ମକଦ୍ଦମାରେ ପ୍ରତିକାର ଦାବି କରି ପାରିନଥାନ୍ତେ , ତେଣୁ ବାଦୀଙ୍କ ପରବର୍ତ୍ତୀ ମକଦ୍ଦମାକୁ ଆଦେଶ 2 ର ନିୟମ 2 ଦ୍ୱାରା ନିଷେଧ କରାଯାଇ ନାହିଁ । ଏହି ରାୟକୁ ବର୍ତ୍ତମାନର ମାମଲାର ତଥ୍ୟରେ ଲାଗୁ କରି , ଏହା ସ୍ପଷ୍ଟ ହୋଇଛି ଯେ, ପ୍ରଥମ ମକଦ୍ଦମାରେ, ଆବେଦନକାରୀମାନେ କେବଳ Rs. 14,12,836 ଟଙ୍କା ସମ୍ବନ୍ଧରେ ପ୍ରତିକାର ଦାବି କରି ପାରିବେ , ଯାହା କାର୍ଯ୍ୟଦକ୍ଷତା ପ୍ରତିଭୂତିରେ ନିର୍ଦ୍ଧାରିତ ସର୍ବାଧିକ ରାଶି ଥିଲା । ସେମାନେ Rs. 1,13,27, 298.16 ଟଙ୍କାର ପ୍ରତିକାର ଦାବି କରିପାରିନଥାନ୍ତେ, ଯାହା ସେମାନେ ଠିକାଦାରଙ୍କ ଦ୍ୱାରା କରାଯିବାକୁ ଥିବା କାର୍ଯ୍ୟ ସମ୍ବନ୍ଧୀୟ ଚୁକ୍ତି ଆଧାରରେ ଦ୍ୱିତୀୟ ମକଦ୍ଦମାରେ କରିଥିଲେ ।

ତେଣୁ, ଏହା ସ୍ପଷ୍ଟ ଯେ ଯେତେବେଳେ ଆବେଦନକାରୀମାନେ, ସଂକ୍ଷିପ୍ତ କାରଣ ମକଦ୍ଦମା ସଂଖ୍ୟା 491/72 ମାଧ୍ୟମରେ, କାର୍ଯ୍ୟଦକ୍ଷତା ପ୍ରତିଭୂତି ସଂଖ୍ୟା 57/22 କୁ ଲାଗୁ କରିବାକୁ ଚାହୁଁଥିଲେ , ଏବଂ ସେମାନେ କାରଣ ଆଧାରରେ ପ୍ରତିକାର ପାଇବାକୁ ଚାହୁଁଥିଲେ , ଯାହା ସେହି କାରଣଠାରୁ ଭିନ୍ନ ଥିଲା ଯାହା ଉପରେ ସେମାନେ ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର ଦେୱାନୀ ମକଦ୍ଦମା ସଂଖ୍ୟା 29/83 ରେ କରାଯାଇଥିବା ଦାବିକୁ ଆଧାରିତ କରିଥିଲେ ।

ଫଳସ୍ୱରୂପ, ଉଭୟ ବିବାଦରେ ଆବେଦନକାରୀମାନଙ୍କ ସପକ୍ଷରେ ନିଷ୍ପତ୍ତି ନିଆଯାଏ । ଏହି ଆବେଦନ ସଫଳ ହୋଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି. ଏନ୍. ଏ. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।